# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 18th December – 2025

*********************************

## ମୁଖ୍ୟ ସମ୍ବାଦ

- ଦେଶର ସୁରକ୍ଷାପାଇଁ କୌଣସି ପ୍ରକାର ସାଲିସ କରାଯିବ ନାହିଁ; କହିଲେ କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂହ ।

— ରାଜ୍ୟସଭାରେ ଭାରତପାଇଁ ପରମାଣୁ ଶକ୍ତିର ସ୍ଥାୟୀ ଉପଯୋଗିତା ଓ ଉନ୍ନୀତ ବିଲ୍‌-୨୦୨୫ ଆଗତ ।

- ବିକଶିତ ଭାରତ ରୋଜଗାର ଏବଂ ଆଜିବିକା ମିଶନପାଇଁ ଗ୍ୟାରେଣ୍ଟି ଅଭିଯାନ ଗ୍ରାମୀଣ ବିଲ୍‌' ବିକଶିତ ଗ୍ରାମୀଣ ଢାଞ୍ଚା ପ୍ରସ୍ତୁତ କରିବାରେ ସହାୟକ ହେବ; କହିଲେ କେନ୍ଦ୍ରମନ୍ତ୍ରୀ ଶିବରାଜ ସିଂହ ଚୌହାନ ।

- ୧ ଲକ୍ଷ ୫୫ ହଜାର ସ୍ୱୟଂ ସହାୟକ ଗୋଷ୍ଠୀକୁ ୯୦ କୋଟି ୨୦ ଲକ୍ଷ ଟଙ୍କାର ସୁଧ ଫେରସ୍ତ କଲେ ରାଜ୍ୟ ସରକାର ।

ଏବଂ

- ଭୁବନେଶ୍ୱରରେ ଆସନ୍ତାକାଲିଠାରୁ ଆରମ୍ଭ ହେବ ଓଡ଼ିଶା ଏ.ଆଇ. ସମ୍ମିଳନୀ ।

*Desk*

# ଆର୍.ଏସ୍. - ନ୍ୟୁକ୍ଲିୟର୍ ବିଲ୍

ଗତ ଦଶନ୍ଧି ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ଶକ୍ତିକ୍ଷେତ୍ରକୁ ଉନ୍ନତ କରିବାପାଇଁ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି ପରମାଣୁ ଶକ୍ତି ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ କହିଛନ୍ତି। ରାଜ୍ୟସଭାରେ ଆଜି ପରିବର୍ତ୍ତିତ ଭାରତ ପାଇଁ ପରମାଣୁ ଶକ୍ତିର ସ୍ଥାୟୀ ଉପଯୋଗିତା ଏବଂ ଉନ୍ନୀତ ବିଲ୍–୨୦୨୫ ଆଗତ ଅବସରରେ ଆଲୋଚନାରେ ଭାଗ ନେଇ ଡକ୍ଟର ସିଂହ କହିଛନ୍ତି, ସରକାର ପରମାଣୁ କ୍ଷେତ୍ରକୁ ମିଳିତ ଉଦ୍ୟୋଗ ପାଇଁ ଉନ୍ମୁକ୍ତ କରିବା ଲାଗି ନିଷ୍ପତ୍ତି ନେଇଛନ୍ତି। ଗତ ୨୦୧୩-୧୪ ତୁଳନାରେ ପରମାଣୁ ଶକ୍ତି ବିଭାଗର ବଜେଟ୍ ବୃଦ୍ଧି ପାଇ ଏବେ ୩୭ ହଜାର ୪୮୩ କୋଟି ଟଙ୍କାରେ ପହଞ୍ଚିଛି। ଏ କ୍ଷେତ୍ରରେ ୧୦୭ ପ୍ରତିଶତ ବୃଦ୍ଧି ଘଟିଛି ବୋଲି ସେ ଗୃହରେ ସୂଚନା ଦେଇଛନ୍ତି। ଗତ ସେପ୍ଟେମ୍ବର ମାସରେ ପ୍ରଧାନମନ୍ତ୍ରୀ ରାଜସ୍ଥାନରୁ ୪ ପରମାଣୁ ରିଆକ୍ଟରର ଶିଳାନ୍ୟାସ କରିଛନ୍ତି। ସୁରକ୍ଷା ଦିଗ ଗୁଡ଼ିକ ଉପରେ କୌଣସି ପ୍ରକାର ସାଲିସ କରାଯିବ ନାହିଁ ବୋଲି ସେ କହିଛନ୍ତି।

ପରମାଣୁ ଶକ୍ତି ଆଇନ-୧୯୬୨ ଏବଂ ନାଗରିକଙ୍କ ଦାୟିତ୍ୱ ପରମାଣୁ କ୍ଷତି ଆଇନ-୨୦୧୦ ବଦଳରେ ଏହି ଆଇନ ଦେଶରେ କାର୍ଯ୍ୟକାରୀ କରାଯିବ। ପରମାଣୁ ଶକ୍ତି କ୍ଷେତ୍ରକୁ ନିରାପଦ ବ୍ୟବହାର ପାଇଁ ଏକ ଦୃଢ଼ ନିୟାମକ ଢାଞ୍ଚା ପ୍ରଦାନ କରିବା ନେଇ ଏହି ବିଲ୍‌ରେ ପ୍ରସ୍ତାବ ରହିଛି। ଆଣବିକ ଶକ୍ତି ନିୟାମକ ବୋର୍ଡ ଗଠନ ଏବଂ ପରମାଣୁ ଶକ୍ତି ପ୍ରତିକାର

ପରାମର୍ଶଦାତା ପରିଷଦ ପ୍ରତିଷ୍ଠା ନେଇ ବିଲ୍‌ରେ ବ୍ୟବସ୍ଥା ରହିଛି। କୌଣସି ପ୍ରକାର ପରିସ୍ଥିତିକୁ ମୁକାବିଲା କରିବା ଲକ୍ଷ୍ୟ ନେଇ ବିଲ୍‌ରେ ପରମାଣୁ ଦାୟିତ୍ୱ ପାଣ୍ଠି ପ୍ରତିଷ୍ଠାର ବ୍ୟବସ୍ଥା ରହିଥିବା ଜଣାପଡ଼ିଛି। ବିଲ୍‌ଟି ଗତକାଲି ଲୋକସଭାରେ ପାରିତ ହୋଇଥିଲା।

***Desk, Rayagada/R***

# ମନରେଗା - ଜି. ରାମ ଜି.

ବିକଶିତ ଭାରତ ରୋଜଗାର ଏବଂ ଆଜୀବିକା ମିଶନ ପାଇଁ ଗ୍ୟାରେଣ୍ଟି ଅଭିଯାନ (ଗ୍ରାମୀଣ) - VB G. RAM G-2025 ବିଲ୍ ଆଜି ଲୋକସଭାରେ ପାରିତ ହୋଇଛି।

ବିଲ୍ ପାରତି ହେବା ପରେ ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସୂଚନା ଦେଇ କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହ୍ୱାନ କହିଛନ୍ତି, ପୂର୍ବରୁ ରହିଥିବା ୧୦୦ ଦିନର ନିଶ୍ଚିତ ନିଯୁକ୍ତି ବ୍ୟବସ୍ଥାକୁ ଏବେ ୧୨୫ ଦିନକୁ ବୃଦ୍ଧି କରିବା ନେଇ ଏହି ବିଲ୍‌ରେ ପ୍ରସ୍ତାବ ରହିଛି। ଏଥିପାଇଁ ୧ ଲକ୍ଷ ୫୧ ହଜାର ୨୮୨ କୋଟି ଟଙ୍କାର ବ୍ୟବସ୍ଥା ହୋଇଛି। ସେଥିରୁ ୯୫ ହଜାର କୋଟିରୁ ଅଧିକ ଟଙ୍କା କେନ୍ଦ୍ର ପ୍ରଦାନ କରିବ ବୋଲି ଶ୍ରୀ ଚୌହାନ କହିଛନ୍ତି।

**V/O- SHIVRAJ-SINGH-CHAUHAN**

ବିକଶିତ ଭାରତ ରୋଜଗାର ଏବଂ ଆଜୀବିକା ମିଶନ ପାଇଁ ଗ୍ୟାରେଣ୍ଟି ଅଭିଯାନ ଗ୍ରାମୀଣ ଭି.ବି.–ଜି.ରାମ.ଜି.-୨୦୨୫ ବିଲ୍ ଆଜି ଲୋକସଭାରେ ପାରିତ ହୋଇଛି। ୨୦ ବର୍ଷର ପୁରୁଣା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ ନିଯୁକ୍ତି ଆଇନ ବଦଳରେ ଏହା କାର୍ଯ୍ୟକାରୀ ହେବ।

୨୦୪୭ ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ଅଧୀନରେ ଏକ ଗ୍ରାମୀଣ ବିକାଶ ଢ଼ାଞ୍ଚା ପ୍ରସ୍ତୁତ କରିବାରେ ଏହି ବିଲ୍ ସହାୟକ ହେବ । ବିଲ୍‌ରେ ସଶକ୍ତୀକରଣ, ବିକାଶ, ସମନ୍ୱୟ ଏବଂ ସମ୍ପୂର୍ଣ୍ଣତା ଉପରେ ମଧ୍ୟ ଧ୍ୟାନ ଦିଆଯାଇଛି । ବିଲ୍‌ରେ କେନ୍ଦ୍ର ଏବଂ ରାଜ୍ୟ ମଧ୍ୟରେ ୬୦-୪୦ ଅନୁପାତରେ ପାଣ୍ଠି ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ଅନ୍ୟପକ୍ଷରେ ଉତ୍ତର ପୂର୍ବାଞ୍ଚଳ ଏବଂ ହିମାଳୟ ଅଞ୍ଚଳ ଅନ୍ତର୍ଗତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକରେ ପାଣ୍ଠି ଆବଣ୍ଟନ ୯୦-୧୦ ଅନୁପାତରେ ଧାର୍ଯ୍ୟ କରାଯାଇଛି ବୋଲି ଶ୍ରୀ ଚୌହାନ୍ କହିଛନ୍ତି ।

ରାୟଗଡ଼ା ଜିଲ୍ଲାରେ ବିଭିନ୍ନ ସମ୍ପ୍ରଦାୟ ପକ୍ଷରୁ ଏହି ବିଲ୍‌କୁ ସ୍ୱାଗତ କରାଯାଇଛି । ବିଲ୍ ସମ୍ପର୍କରେ ଜିଲ୍ଲାର ସୁବାସ ପ୍ରାସ୍କା ତାଙ୍କ ପ୍ରତିକ୍ରିୟାରେ ଆକାଶବାଣୀକୁ କହିଛନ୍ତି :

***Voice (Praska)*** :.........

*BBSR/R*

## ବିଧାୟକ - ବୈଠକ

ରାଜ୍ୟରେ ବିଧାୟକ ଓ ପୂର୍ବତନ ବିଧାୟକଙ୍କ ଦରମା, ଭତ୍ତା ବୃଦ୍ଧି ପ୍ରସଙ୍ଗରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବି.ଜେ.ପି. ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଲୋକମତକୁ ସମ୍ମାନ ଜଣାଇ ବିଧାୟକଙ୍କ ଦରମା, ଭତ୍ତା ବୃଦ୍ଧିର ପୁନର୍ବିଚାର କରିବାକୁ ଲିଖିତ ଭାବେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଥିବା ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ୍ କହିଛନ୍ତି । ବୈଠକରେ ବି.ଜେ.ପି. ରାଜ୍ୟ ସଭାପତି ମନମୋହନ ସାମଲ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ ।

*Puri/R*

## ପୁରୀ - କ୍ୟାଲେଣ୍ଡର-ଡାଏରୀ

ପୁରୀ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଇଂରାଜୀ ନୂଆବର୍ଷ ୨୦୨୬ପାଇଁ ମହାପ୍ରଭୁଙ୍କ ଫଟୋଚିତ୍ର ଥାଇ ପ୍ରକାଶିତ କ୍ୟାଲେଣ୍ଡର ଓ ଡାଏରୀକୁ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉନ୍ମୋଚନ କରିଛନ୍ତି । ନୂଆ କ୍ୟାଲେଣ୍ଡରଗୁଡ଼ିକର ପ୍ରଥମ ସଂସ୍କରଣକୁ ଧନୁ ସଂକ୍ରାନ୍ତିରେ ମହାପ୍ରଭୁଙ୍କଠାରେ ଅର୍ପଣ କରାଯାଇଥିଲା । ଏହି କ୍ୟାଲେଣ୍ଡରରେ ବାଲୁକା କଳା, ପଟ୍ଟଚିତ୍ର, ତାଳପତ୍ର ଓ ପଥର ଖୋଦେଇ ମାଧ୍ୟମରେ ମହାପ୍ରଭୁଙ୍କ ବିଭିନ୍ନ ବେଶ ଓ

ରଥଯାତ୍ରା ସମ୍ବନ୍ଧୀୟ ଚିତ୍ରଗୁଡ଼ିକ ସ୍ଥାନ ପାଇଛି । ଆସନ୍ତା ଦୁଇଦିନ ପରେ ପୁରୀ ଓ ଭୁବନେଶ୍ୱରସ୍ଥିତ ଶ୍ରୀମନ୍ଦିର ସୂଚନାକେନ୍ଦ୍ରରେ ଏହି କ୍ୟାଲେଣ୍ଡର ବିକ୍ରୟ ନିମନ୍ତେ ସର୍ବସାଧାରଣଙ୍କ ପାଇଁ ଉପଲବ୍ଧ ହେବ ।

***BBSR/R***

# ଏସ୍.ଏଚ୍.ଜି. - ସୁଧ ଫେରସ୍ତ

ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ନିୟମିତ ସୁଧ ଫେରସ୍ତ ସରକାରଙ୍କ ପ୍ରତିବଦ୍ଧତା ଓ ସଦସ୍ୟାମାନଙ୍କ ଅର୍ଥନୈତିକ ଭାଗିଦାରୀକୁ ଆହୁରି ସଶକ୍ତ କରିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି । ଭୁବନେଶ୍ୱର ମିଶନ ଶକ୍ତି ଭବନଠାରେ ଆୟୋଜିତ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକର ସୁଧ ଫେରସ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀମତୀ ପରିଡ଼ା କହିଛନ୍ତି, ୧ ଲକ୍ଷ ୫୫ ହଜାରରୁ ଊର୍ଦ୍ଧ୍ୱ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ୯୦ କୋଟି ୨୦ ଲକ୍ଷ ୫୨ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟାଙ୍କ୍ ଋଣ ସୁଧ ଫେରସ୍ତ ଆକାରରେ ସିଧାସଳଖ ସେମାନଙ୍କ ଆକାଉଣ୍ଟ୍‌କୁ ପ୍ରଦାନ କରାଯାଇଛି । ଚଳିତ ଆର୍ଥିକ ବର୍ଷରେ ଗୋଷ୍ଠୀଗୁଡ଼ିକୁ ମୋଟ୍ ୩୧୮ କୋଟି ଟଙ୍କାର ସୁଧ ଫେରସ୍ତ କରାଯାଇଛି । ଆଗାମୀ ଦିନରେ ଆହୁରି ୪ ଶହ କୋଟି ଟଙ୍କାର ସୁଧ ଫେରସ୍ତ କରାଯିବ ବୋଲି ଶ୍ରୀମତୀ ପରିଡ଼ା କହିଛନ୍ତି ।

**BBSR/R**

# ସର୍ଗିଫୁଲ

ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା ଓ ସେମାନଙ୍କର ଦକ୍ଷତାକୁ ଅଧିକ ବିକଶିତ କରିବା ନିମନ୍ତେ 'ସର୍ଗିଫୁଲ' ମହୋତ୍ସବ ଏକ ଅଭିନବ ମାଧ୍ୟମ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ଅନୁସୂଚିତ ଜନଜାତି ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି । ଭୁବନେଶ୍ୱର ୟୁନିଟ୍-୧ ପଡ଼ିଆଠାରେ ଆୟୋଜିତ ରାଜ୍ୟସ୍ତରୀୟ ସର୍ଗିଫୁଲ ମହୋତ୍ସବ-୨୦୨୫କୁ ଉଦ୍‌ଘାଟନ କରି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି, ରାଜ୍ୟରେ ଛାତ୍ରଛାତ୍ରୀଙ୍କପାଇଁ ନୂତନ ଭାବେ ୨୩୫ଟି ଛାତ୍ରାବାସକୁ ଅନୁମୋଦନ କରାଯାଇଛି । ମାଧୋ ସିଂହ ହାତଖର୍ଚ୍ଚ ଯୋଜନା ମାଧ୍ୟମରେ ନବମ ଓ ଏକାଦଶରେ ନାମ ଲେଖାଇଥିବା ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହନ ରାଶି ଯୋଗାଇ ଦିଆଯାଉଛି ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି । ଚଳିତ ବର୍ଷ ତିନିଦିନ ଧରି ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ସମସ୍ତ ଜିଲ୍ଲାରୁ ୧ ହଜାର ୧୬୦ ଜଣ ଛାତ୍ରଛାତ୍ରୀ ଯୋଗଦେବା ସହ ବିଜ୍ଞାନ ମେଳାର ଆୟୋଜନ କରାଯାଇଛି ।

*Desk*

# ଏ.ଆଇ. ସମ୍ମିଳନୀ

ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଆସନ୍ତାକାଲିଠାରୁ ଓଡ଼ିଶା କୃତ୍ରିମ ବୁଦ୍ଧିମତ୍ତା-ଏ.ଆଇ. ସମ୍ମିଳନୀ ୨୦୨୫ ଆରମ୍ଭ ହେବ । ଏ ସଂପର୍କରେ ଏକ ସାମ୍ବାଦିକ ସମ୍ମିଳନୀରେ ବିଭାଗୀୟ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ସୂଚନା ଦେଇ କହିଛନ୍ତି, ଫେବୃୟାରୀ ମାସରେ ଭାରତ ଇମ୍ପାକ୍ଟ ଏ.ଆଇ. ସମ୍ମିଳନୀ ହେବା ପୂର୍ବରୁ ଓଡ଼ିଶା ସମେତ ୮ଟି ରାଜ୍ୟରେ ଆଞ୍ଚଳିକ ଇମ୍ପାକ୍ଟ ଏ.ଆଇ. ସମ୍ମିଳନୀ ଅନୁଷ୍ଠିତ ହେବ । ପ୍ରଥମ ରାଜ୍ୟ ଭାବେ ଓଡ଼ିଶାରେ ଏ.ଆଇ. ନୀତି ୨୦୨୫ ସହିତ ଫିନ୍‌ଟେକ୍, ବିଶ୍ୱ ଦକ୍ଷତା କେନ୍ଦ୍ର ଏବଂ ନିବେଶକ ଅନୁକୂଳ ଢ଼ାଞ୍ଚା ନିର୍ମାଣ କରାଯାଉଛି । ଏଥିପାଇଁ ରାଜ୍ୟ ସରକାର ୨୦ କୋଟି ଟଙ୍କାର ବଜେଟ୍ ବ୍ୟବସ୍ଥା କରିଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଛନ୍ତି । ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

*Jharsuguda/R*

# ଅନ୍ତର୍ଜାତୀୟ ସମ୍ମିଳନୀ

ରାଉରକେଲାସ୍ଥିତ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆସନ୍ତାକାଲିଠାରୁ ବିକାଶଶୀଳ ପ୍ରଯୁକ୍ତିବିଦ୍ୟାର ଉଦୀୟମାନ ଧାରା ଉପରେ

ଅନ୍ତର୍ଜାତୀୟ ସମ୍ମିଳନୀ ଆରମ୍ଭ ହେବ । ସମ୍ମିଳନୀର ଉଦ୍ଦେଶ୍ୟ ହେଉଛି, ଦେଶ ତଥା ବିଦେଶର ପ୍ରମୁଖ ଶିକ୍ଷାନୁଷ୍ଠାନ ଏବଂ ସଙ୍ଗଠନର ଗବେଷକ, ଶିକ୍ଷାବିତ୍, ଶିଳ୍ପ ବିଶେଷଜ୍ଞ, ବୈଜ୍ଞାନିକ ଓ ବିଦ୍ୱାନ୍‌ମାନଙ୍କୁ ଏକତ୍ର କରି ଚିନ୍ତାଧାରା ବିନିମୟପାଇଁ ଏକ ସକ୍ରିୟ ମଞ୍ଚ ସୃଷ୍ଟି କରିବ । ଏହି ତିନିଦିନିଆ ସମ୍ମିଳନୀରେ ୮୬ଟି ଗବେଷଣାପତ୍ର ଉପସ୍ଥାପନ କରାଯିବ ।

***Jharsuguda/R***

## ମାଓ ଆତ୍ମସମର୍ପଣ

ରାଉରକେଲା ପୁଲିସ୍ ନିକଟରେ ଆଜି ୧୫ ବର୍ଷୀୟ ମାଓବାଦୀ ରୋୟା କାଲୁଣ୍ଡି ଆତ୍ମସମର୍ପଣ କରିଛି । ରୋୟା ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତ ଅଞ୍ଚଳରେ ବହୁ ମାଓ ଅପରାଧରେ ସାମିଲ୍ ଥିଲା । ରୋୟାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ସହାୟତା ଯୋଗାଇ ଦିଆଯିବ ବୋଲି ପଶ୍ଚିମାଞ୍ଚଳ ଡି.ଆଇ.ଜି. ବ୍ରିଜେଶ ରାୟ କହିଛନ୍ତି ।

***Boudh/R***

## ନିଯୁକ୍ତି ମେଳା

ବୌଦ୍ଧ ଟାଉନ୍ ହଲ୍‌ରେ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି । ବିଭିନ୍ନ କ୍ଷେତ୍ରର ୨୮ଟି ନିଯୁକ୍ତିଦାତା ମେଳାରେ ଅଂଶଗ୍ରହଣ କରିଥିଲେ । ୧୦ଟି ସରକାରୀ ମୁକ୍ତ ପ୍ରଶିକ୍ଷଣ ସଂସ୍ଥା ଏବଂ ଭାରତୀୟ

ବାୟୁସେନାର ମଣ୍ଡପରେ ଆଶାୟୀ ପ୍ରାର୍ଥୀମାନଙ୍କୁ କ୍ୟାରିୟର୍ ସମ୍ବନ୍ଧୀୟ ସୂଚନା ପ୍ରଦାନ କରାଯାଇଥିଲା । ଏହି ମେଳାରେ ୭୯୧ ଜଣ ପ୍ରାର୍ଥୀ ପଞ୍ଜୀକରଣ କରିଥିବାବେଳେ ୫୫୪ ଜଣ ପ୍ରାର୍ଥୀ ଚୟନ ପ୍ରକ୍ରିୟାରେ ସାମିଲ୍ ହୋଇଥିଲେ ।

*Nayagarh/R*

# ବିକାଶ ପ୍ରଶିକ୍ଷଣ ଶିବିର

ନୟାଗଡ଼ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ସମ୍ପର୍କିତ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ୍ ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ୧୭ଟି ଆଭିମୁଖ୍ୟ ଉପରେ ଆଲୋଚନା ହୋଇଥିଲା । ୨୦୩୦ ମସିହା ସୁଦ୍ଧା ସୁସ୍ଥ ଓ ନିରାମୟ ଜୀବନ, ଗୁଣାତ୍ମକ ଶିକ୍ଷା, ସ୍ୱଚ୍ଛତା, ଶକ୍ତି ଓ ଅର୍ଥନୈତିକ ବିକାଶ ଭଳି ଲକ୍ଷ୍ୟ ଯେଭଳି ହାସଲ କରାଯାଇପାରିବ, ସେସମ୍ପର୍କରେ ଶିବିରାର୍ଥୀମାନେ ମତ ବିନିମୟ କରିଥିଲେ ।

*Dhenkanal/R*

## ଢେଙ୍କାନାଳ ବରା - ଜି.ଆଇ.

ଢେଙ୍କାନାଳ ଜିଲ୍ଲାର ପ୍ରସିଦ୍ଧ ବରା ଓ ପାଳ ବାଇଗଣକୁ ଜି.ଆଇ. ମାନ୍ୟତାପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । ଜିଲ୍ଲା କୃଷି ବିଜ୍ଞାନ କେନ୍ଦ୍ର ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ମୁଖ୍ୟ ବୈଜ୍ଞାନିକ ବିମଳେନ୍ଦୁ ମହାନ୍ତି’ ଏକ କମିଟି ଜରିଆରେ ସମସ୍ତ ତଥ୍ୟ ଓ ସୂଚନା ସଂଗ୍ରହ କରାଯାଇ ଆସନ୍ତାମାସ ୧୫ ତାରିଖ ମଧ୍ୟରେ ଜି.ଆଇ. ମାନ୍ୟତାପାଇଁ ଆବେଦନ କରାଯିବ ବୋଲି କହିଛନ୍ତି ।

*Boudh/R*

## ଧନୁଯାତ୍ରା - ଉଦ୍‌ଯାପିତ

ବୌଦ୍ଧ ଭୈରବୀ ପଡ଼ିଆରେ ଆଠଦିନ ଧରି ଚାଲିଥିବା ଆଧ୍ୟାତ୍ମିକ ଧନୁଯାତ୍ରା ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ସନ୍ଧ୍ୟାରେ ଅକ୍ରୂର’ କୃଷ୍ଣ ଓ ବଳରାମ ଦୁଇଭାଇଙ୍କୁ ରଥରେ ନଗର ପରିକ୍ରମା କରାଇଥିଲେ । ଅନ୍ୟ କଳାକାରମାନେ ମଧ୍ୟ ପଟୁଆରରେ ନଗର ପରିଭ୍ରମଣ କରିଥିଲେ ।

*Bhadrak/R*

# ଗାନ୍ଧି ସ୍ମୃତି ବାର୍ଷିକୀ

ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ୍ ଚାରିବାଟିଆଠାରେ ମହାତ୍ମାଗାନ୍ଧି ସ୍ମୃତି ବାର୍ଷିକୀ ସମାରୋହ ଅନୁଷ୍ଠିତ ହୋଇଯାଇଛି । ୧୯୨୭ ମସିହା ଡିସେମ୍ବର ମାସରେ ମହାତ୍ମାଗାନ୍ଧିଙ୍କ ଚାରିବାଟିଆ ଆଗମନର ସ୍ମୃତିଚାରଣପୂର୍ବକ ଅନୁଷ୍ଠିତ ସମାରୋହରେ ଲୋକ ପ୍ରତିନିଧି, ସାମାଜିକ କର୍ମୀ ଓ ବରିଷ୍ଠ ନାଗରିକମାନେ ଯୋଗଦେଇ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ ।

*Nabarangpur/R*

# ସାଂସଦ ଖେଳ ମହୋତ୍ସବ

ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ାଠାରେ ଆଜି ସାଂସଦ ଖେଳ ମହୋତ୍ସବ ଉଦ୍‌ଘାଟିତ ହୋଇଛି । ଗ୍ରାମର ଅଧିଷ୍ଠାତ୍ରୀ ଦେବତା ରାଜା ଚାଉଁରିଆଙ୍କ ମନ୍ଦିରରେ ପୂଜାର୍ଚ୍ଚନା ପରେ ଏକ ଶୋଭାଯାତ୍ରାରେ କ୍ରୀଡ଼ା ମଶାଲ୍ ନିଆଯାଇ କ୍ରୀଡ଼ା ମହୋତ୍ସବ ଆରମ୍ଭ ହୋଇଥିଲା । ତିନିଦିନ ଧରି ଅନୁଷ୍ଠିତ ହେବାକୁ ଥିବା ସାଂସଦ କ୍ରୀଡ଼ା ମହୋତ୍ସବରେ ୬ଟି ବର୍ଗରେ ପ୍ରତିଯୋଗିତା ଅନୁଷ୍ଠିତ ହେବ ।

*Nayagarh/R*

# ନେଟ୍‌ବଲ୍ ଚାମ୍ପିୟନ୍‌ସିପ

ନୟାଗଡ଼ ଜିଲ୍ଲା ରଣପୁରସ୍ଥିତ ପିଏମ୍‌ଶ୍ରୀ ବି.ସି. ହାଇସ୍କୁଲ୍‌ରେ ଅଣସ୍ତରି ତମ ଓଡ଼ିଶା ରାଜ୍ୟସ୍ତରୀୟ ନେଟ୍‌ବଲ୍ ଚାମ୍ପିୟନ୍‌ସିପ୍ ଉଦ୍‌ଯାପିତ ହୋଇଯାଇଛି । ପ୍ରତିଯୋଗିତାର ଫାଇନାଲ୍ ମ୍ୟାଚ୍‌ରେ  କଟକ ଦଳ ଚାମ୍ପିୟନ୍ ହୋଇଥିବାବେଳେ ନୟାଗଡ଼ ରନର୍ସ ଅପ୍ ହୋଇଛି ।

******